ନୀତି ଭାରତୀ

ମନଗୁଡ଼ିକ ଫୁଲ ଭଳି, ସମୟ ଠିକ୍ ଥିଲେ ସେଗୁଡ଼ିକ ପାଖୁଡ଼ା ମେଲାଇ ଥାନ୍ତି । - ଷ୍ଟିଫେନ୍ ରିଚାର୍ଡ୍ସ୍

ମଧ୍ୟପ୍ରାଚ୍ୟରେ ସଙ୍କଟ

ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ଆତଙ୍କବାଦୀ ଆକ୍ରମଣଠୁ ଆରମ୍ଭ କରି ପାକିସ୍ତାନର ଆବୋଟାବାଦ୍‌ରେ ଲୁଚି ରହିଥିବା ଓସାମାବିନ୍ ଲାଡେନ୍‌କୁ ହତ୍ୟା କରିବା ପର୍ଯ୍ୟନ୍ତ ସୁଦୀର୍ଘ ୧୦ ବର୍ଷର କାହାଣୀ ପୁଙ୍ଖାନୁପୁଙ୍ଖ ଭାବରେ ବର୍ଣ୍ଣିତ ହୋଇଥିବା ଲୋକପ୍ରିୟ ପୁସ୍ତକ 'ମ୍ୟାନ୍ ହଣ୍ଟ'ର ରଚୟିତା ପ୍ରସିଦ୍ଧ ଲେଖକ ତଥା ପତ୍ରକାର ପିଟର ବର୍ଗନ ଉଲ୍ଲେଖ କରିଛନ୍ତି- ମଧ୍ୟପ୍ରାଚ୍ୟରେ ସିହା-ସୁନ୍ନି ମୁସଲମାନ ମାନଙ୍କମଧ୍ୟରେ ସଂଘର୍ଷ କେବଳ ଆଇଏସ୍‌ଆଇଏସ୍ ଓ ଅଲ୍-କାଏଦା ଭଳି ଦୁର୍ଦ୍ଧାନ୍ତ ଆତଙ୍କବାଦୀ ସଂଗଠନକୁ ଅଧିକ ସକ୍ରିୟ ଓ ଶକ୍ତିଶାଳୀ କରିବ । ଏ କଥା ଅଧିକ ସ୍ପଷ୍ଟ ହୋଇ ଉଠିଛି ଗତ ୨ ସପ୍ତାହ ତଳେ ମଧ୍ୟ ପ୍ରାଚ୍ୟର ଗଲ୍ଫ କଣ୍ଟ୍ରିଜ୍ ବା ଉପସାଗରୀୟ ତୈଳ ସମ୍ପଦରେ ଭରପୂର ରାଷ୍ଟ୍ରମାନେ କାତାର ସହିତ କୂଟନୈତିକ ସମ୍ପର୍କ ଛିନ୍ନ କରିଦେବା ଘଟଣାରୁ । ସେହି ରାଷ୍ଟ୍ରଗୁଡ଼ିକ ନିଜ ଦେଶରୁ କାତାରର କୂଟନୀତିଜ୍ଞମାନଙ୍କୁ ଓ ନାଗରିକମାନଙ୍କୁ ଖୁବ୍ ଶୀଘ୍ର ଦେଶ ଛାଡ଼ି ଚାଲିଯିବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି । ୟୁଏଇ ବା ସଂଯୁକ୍ତ ଆରବ ରାଜ୍ୟ, ସାଉଦି ଆରବ, ଇରାକ୍, ଓମାନ୍, ବାହାରିନ୍, କୁଏତ୍, କାତାର ଆଦି ୭ଟି ଦେଶକୁ ନେଇ କୁହାଯାଏ ଗଲ୍ଫ କଣ୍ଟ୍ରିଜ୍ । ଇରାକ୍‌କୁ ଛାଡ଼ି ଅନ୍ୟ ୬ଟି ଦେଶ ମିଶି ସୃଷ୍ଟି କରିଛନ୍ତି ଜି.ସି.ସି. ବା ଗଲ୍ଫ କୋଅପରେସନ୍ କାଉନ୍‌ସିଲ । ଗତ ୬ ବର୍ଷ ଧରି ଏହି ୬ ଜଣିଆ ସଂଗଠନ ଭିତରେ ଫାଟ ସୃଷ୍ଟି ହୋଇ ଚାଲିଥିଲା । କାରଣ କାତାର ବିରୋଧରେ ଅଭିଯୋଗ ଉଠିଥିଲା ଯେ ସେହି କ୍ଷୁଦ୍ର ରାଷ୍ଟ୍ର 'ମୁସଲିମ୍ ବ୍ରଦର ବୁଡ' ଭଳି ଏକ ଇସଲାମୀୟ ରାଜନୈତିକ, ଧାର୍ମିକ ଓ ସାମାଜିକ ସଂଗଠନକୁ ସକ୍ରିୟ ଭାବେ ସହଯୋଗ କରୁଛି । ଏହି ସଂଗଠନ ଇଜିପ୍ଟରେ ସୃଷ୍ଟି ଓ ଏହାର ପ୍ରଥମ ନେତା ଭାବେ ନିର୍ବାଚିତ ହୋଇ ସେଠାରେ କ୍ଷମତା ହାସଲ କରିଥିଲେ ରାଷ୍ଟ୍ରପତି ମହମଦ୍ ମର୍ସି । ସେ ମିଲାଟାରୀ ଦ୍ୱାରା ଗାଦିଚ୍ୟୁତ ହୋଇ ଯେତେବେଳେ ଗିରଫ୍ ହେଲେ ସେତେବେଳକୁ ରୁଷିଆ, ଇଜିପ୍ଟ, ଆରବ ରାଷ୍ଟ୍ର ସମୂହ ଏହି ବ୍ରଦର ବୁଡ୍ ସଂଗ୍ଠନକୁ ଏକ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିସାରିଥିଲେ । ଏହା ଆରମ୍ଭ ହେବାର ସୁଦୀର୍ଘ ୮୫ ବର୍ଷର ଇତିହାସ ମଧ୍ୟରେ ଏବେ ଏହାର ଅବସ୍ଥା ଶୋଚନୀୟ କହିଲେ ଚଳେ । କାତାର ବିରୋଧରେ ଅଭିଯୋଗ କେବଳ ବ୍ରଦର ବୁଡ୍ ନୁହେଁ, ଅନେକ ଇସଲାମୀୟ ଆତଙ୍କବାଦୀ ସଂଗଠନକୁ ଏହା ବିପୁଳ ପରିମାଣରେ ଆର୍ଥିକ ସହାୟତା ପ୍ରଦାନ କରିଚାଲିଛି ।



ତପୋଧନ ପଣ୍ଡା

ମାତ୍ର ଏପରି ଘଟଣା ଅନେକ ବିବାଦୀୟ ପ୍ରସଙ୍ଗକୁ ଜନ୍ମ ଦେଇଛି । ଏହି ଉପସାଗରୀୟ ସବୁ ରାଷ୍ଟ୍ରଗୁଡ଼ିକ ଊଣା ଅଧିକେ ଆତଙ୍କବାଦୀ ସଂଗଠନଗୁଡ଼ିକୁ ସହାୟତା ପ୍ରଦାନ କରିଚାଲିଛନ୍ତି । ଏହା ଏକ 'ଓପନ୍ ସିକ୍ରେଟ୍' । ସାଉଦି ଆରବ୍ ଓ କାତାର ନିଜ ନିଜର ପ୍ରକ୍ସି ମିଲିଟାଣ୍ଟ ସଂଗଠନଗୁଡ଼ିକ ପଶ୍ଚିମ ଏସୀୟ ରାଷ୍ଟ୍ର ଗୁଡ଼ିକରେ ସମର୍ଥନ ପ୍ରଦାନ କରୁଛନ୍ତି । ଉଦାହରଣ ସ୍ୱରୂପ ସିରିୟାରେ ସାଉଦି ଆରବ ସମର୍ଥନ କରୁଥିବା ଅହରାମ୍-ଅଲ୍‌ସାମ୍ ଏବଂ କାତାର ସହ ଯୋଗ କରୁଥିବା ମୁସଲିମ୍ ବ୍ରଦରହୁଡ୍ ଏଇ ଉଭୟ ସଂଗଠନ ରାଷ୍ଟ୍ରପତି ବସାର୍ ଅଲ ଆସାଦ୍‌ଙ୍କୁ ଗାଦିଚ୍ୟୁତ କରିବା ପାଇଁ ଯୁଦ୍ଧ କରୁଛନ୍ତି । ୟେମେନ୍‌ରେ ଗତ ଦୁଇ ବର୍ଷ ଧରି ବିସ୍ଫୋରଣ ଘଟାଇ ଚାଲିଥିବା ବିଦ୍ରୋହୀମାନଙ୍କୁ ଉଭୟ ସାଉଦି ଆରବ୍ ଓ କାତାର ଆର୍ଥିକ ସହାୟତା ପ୍ରଦାନ କରି ଚାଲିଛନ୍ତି । ନିକଟରେ କାଶ୍ମୀରରେ ବିଚ୍ଛିନ୍ନତାବାଦୀ ନଇମ୍ ଖାନ୍ କାତାର, ପାକିସ୍ତାନ ଆଦି ରାଷ୍ଟ୍ରଗୁଡ଼ିକରୁ ବିପୁଳ ପରିମାଣରେ ଆର୍ଥିକ ସହାୟତା ପାଇ ଭାରତ ବିରୋଧରେ ଆତଙ୍କ ସୃଷ୍ଟି କରିବା ପାଇଁ ସୁରକ୍ଷା କର୍ମୀଙ୍କ ଉପରେ ଆକ୍ରମଣ କରିବାକୁ ଯୁବଗୋଷ୍ଠୀଙ୍କୁ ପ୍ରୋତ୍ସାହନ ଦେଇଚାଲିଛି ବୋଲି ଏକ ପ୍ରମୁଖ ମିଡିଆ ଚ୍ୟାନେଲ୍‌ର ଷ୍ଟିଙ୍ଗ୍ ଅପରେସନ୍‌ରେ ସ୍ୱୀକାର କରିଛି । ତେବେ ହଠାତ୍ ଆରବ ରାଷ୍ଟ୍ରସମୂହ କାତାର ବିରୋଧରେ ଏପରି ଏକ କଠୋର ପଦକ୍ଷେପ କାହିଁକି ନେଲେ ? ନିକଟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟପ୍ରାଚ୍ୟ ଗସ୍ତ ପରେ ପରେ ଏପରି ଘଟଣା ଘଟିଛି । ଟ୍ରମ୍ପ ଏକ ଟୁଇଟ୍ ରେ ଉଲ୍ଲେଖ କରିଛନ୍ତି ତାଙ୍କର ମଧ୍ୟପ୍ରାଚ୍ୟ ଗସ୍ତରେ ତାଙ୍କୁ ସାକ୍ଷାତ୍ କରିଥିବା ରାଷ୍ଟ୍ରମୁଖ୍ୟମାନଙ୍କୁ ସେ ରୋକ୍‌ଠୋକ୍ କହିଥିଲେ ଯେ, ଏଇ ଇସ୍‌ଲାମୀୟ ରାଡିକାଲ୍ ଅଡିଓଲଜି ସମ୍ପନ୍ନ ଆତଙ୍କୀ ସଂଗଠନଗୁଡ଼ିକୁ ଆର୍ଥିକ ସହାୟତା ଆଉ ବରଦାସ୍ତ କରାଯାଇ ପାରିବ ନାହିଁ । ସବୁରାଷ୍ଟ୍ରଗୁଡ଼ିକ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ କାତାରକୁ । ପୁଣି କାତାରର ରାଷ୍ଟ୍ରମୁଖ୍ୟ ଶେଖ୍ ତାମିମ୍ ଅଲ୍-ଥାନି ଏକ ବିବୃତିରେ ବ୍ୟକ୍ତ କରିଥିଲେ, ମୁସଲିମ୍ ବ୍ରଦର ହୁଡ୍ ପ୍ରତି ସମର୍ଥନ ଓ ସମାଲୋଚନା କରିଥିଲେ । ସିହା ରାଷ୍ଟ୍ର ଇରାନ୍ ବିରୋଧରେ ସୁନ୍ନି ଅଧ୍ୟୁଷିତ ରାଷ୍ଟ୍ରଗୁଡ଼ିକର ମିଳିତ ସହଯୋଗକୁ । କାତାର ଯଦିଓ ସିହା-ସୁନ୍ନି ମଧ୍ୟରେ ମଧ୍ୟସ୍ଥତାର କଥା ସବୁବେଳେ ଦୋହରାଇଥାଏ ତଥାପି ଏହା ସମର୍ଥନ ଜଣାଇ ଚାଲିଥାଏ ରାଜନୈତିକ ଇସଲାମ୍‌କୁ ଯାହା ଦୃଷ୍ଟିଗୋଚର ହୁଏ ପାଲେଷ୍ଟାଇନ୍‌ର ହମାସ୍ ଓ ବ୍ରଦରହୁଡ୍‌ର ଆଭିମୁଖ୍ୟରେ । ଏହା ସାଉଦିଆରବରେ କ୍ରୋଧ ସୃଷ୍ଟି କରିବାର ମୁଖ୍ୟ କାରଣ । ତା ସହିତ ଏହା କାହିଁକି ଇରାନ୍ ପ୍ରତି ନରମ ଆଭିମୁଖ୍ୟ ପ୍ରଦର୍ଶନ କରୁଛି ଏହା ମଧ୍ୟ କ୍ରୋଧର ଅନ୍ୟ ଏକ କାରଣ । କିନ୍ତୁ କାତାର ଓ ଇରାନ୍ ସଂଯୁକ୍ତ ଦୁଇ ଦେଶର ମାଟି ତଳେ ଯେଉଁ ଜାଲେଣି ଗ୍ୟାସ୍ ସମ୍ପଦ ମହଜୁଦ୍ ରହିଛି ତାହା ବିଶ୍ୱରେ ସବୁଠୁଁ ବିଶାଳ ଗ୍ୟାସ୍ ସମ୍ପଦ । ଏଠାରେ ମଧ୍ୟ ଉଲ୍ଲେଖନୀୟ ମାତ୍ର ୨୨ ଲକ୍ଷ ଜନସଂଖ୍ୟା ବିଶିଷ୍ଟ କ୍ଷୁଦ୍ର ରାଷ୍ଟ୍ର ହେଲେ ବି ଏହା ମଧ୍ୟରେ ଆମେରିକା ପ୍ରତିଷ୍ଠା କରିଛି ନିଜର ଏକ ବୃହତ୍ ମିଲିଟାରୀ ବେସ୍‌ର ସେଣ୍ଟ୍ରାଲ୍ କମାଣ୍ଡ । ଆହୁରି ମଧ୍ୟ ଅଛି ଆଇଏସ୍ ଉଗ୍ରବାଦୀ ସଂଗଠନ ଉପରେ ଆକାଶ ମାର୍ଗରୁ ଆକ୍ରମଣ ପାଇଁ ଉଦ୍ଦିଷ୍ଟ ଏକ ବେସ୍ । ତେଣୁ ଟ୍ରମ୍ପ ଯେତେବେଳେ କାତାର କଥା ନିଜ ଟୁଇଟ୍‌ରେ ଉଲ୍ଲେଖ କଲେ ସେତେବେଳେ ଏଇ ଉପସାଗରୀୟ ରାଷ୍ଟ୍ରସମୂହକୁ ସୁଯୋଗ ମିଳିଗଲା ଯେ ସେମାନେ କାତାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଆମେରିକା ତାହାର ବାଧକ ସାଜିବ ନାହିଁ ।

ଏହାର ଫଳ ସ୍ୱରୂପ ସାଉଦି ଆରବର ସେଣ୍ଟ୍ରାଲ୍ ବ୍ୟାଙ୍କ୍ ନିଜ ବ୍ୟାଙ୍କ୍‌ଗୁଡ଼ିକୁ ନିର୍ଦ୍ଦେଶ ଜାରି କରିଛି କାତାର ସହିତ ନେଣ ଦେଣ ନକରିବାକୁ । କାତାରର ଅର୍ଥନୀତିକୁ ଦୁର୍ବଳ କରିଦବା ପାଇଁ ଅନ୍ୟ ରାଷ୍ଟ୍ରର ବ୍ୟାଙ୍କ୍‌ଗୁଡ଼ିକ ମଧ୍ୟ ଅନୁରୂପ ପଦକ୍ଷେପ ନେବା ଆରମ୍ଭ କରିଦେଇଛନ୍ତି । କାରଣ କାତା ସହିତ ଆକାଶମାର୍ଗ ସେଠାରୁ ଯାତାୟାତକୁ ପ୍ରଭାବିତ କରିବା, ସେଠାରେ କାର୍ଯ୍ୟରତ ବିଭିନ୍ନ ଦେଶର ଶ୍ରମିକମାନଙ୍କର ବୃତ୍ତିକୁ ସଙ୍କୁଚିତ କରିବା ଭଳି ଅବସ୍ଥା ଆରମ୍ଭ ହୋଇଯାଇଛି । କାତାରର ଖାଦ୍ୟ ଆମଦାନୀ ସାଧାରଣତଃ ସାଉଦିଆରବ ମଧ୍ୟ ଦେଇ ହୋଇଥାଏ ଓ ରାଜଧାନୀ ଦୋହା ହେଉଛି ଆନ୍ତର୍ଜାତିକ ବିମାନ ଉଡ଼ାଣର ଏକ ମଧ୍ୟବର୍ତ୍ତୀ ଏୟାର ପୋର୍ଟ । ତଥାପି ମଧ୍ୟ କୁହାଯାଉଛି ଆମେରିକାର ମିଲିଟାରୀ ବେସ୍‌ମାନଙ୍କରେ କାର୍ଯ୍ୟରତ ଆଠ ହଜାରରୁ ଊର୍ଦ୍ଧ୍ୱ ଅଫିସର ଓ ସୈନିକ, ସେମାନଙ୍କ ପରିବାର ଯଦି କାତାରରେ ନଥାନ୍ତେ, ତା'ହେଲେ କାତାରର ଆରବ୍ ରାଷ୍ଟ୍ରଗୁଡ଼ିକ ପାଖରେ ଆତ୍ମ ସମର୍ପଣ କରିବାର ବିକଳ୍ପ ପନ୍ଥା ନଥାନ୍ତା । ଆମ ଦେଶ ଉପରେ ଏହାର କିଛି ପ୍ରଭାବ ପଡ଼ିବ ନାହିଁ ବୋଲି ସରକାର କହୁଛନ୍ତି । କାରଣ ଆମ ଦେଶ ସିହା-ସୁନ୍ନି, ଆରବ-ପର୍ସିଆନ୍, ୱାହାବି-ସଲାଫି ଆଦି ବିଭାଜନ ଓ ବିଭକ୍ତ ମତଭେଦଠାରୁ ବହୁ ଦୂରରେ । ତଥାପି ଆମ ଦେଶରୁ ୬ଲକ୍ଷ ଶ୍ରମିକଙ୍କୁ ସେଠାରେ ନିଯୁକ୍ତ ମିଳିଛି । କେବଳ ଆନ୍ଧ୍ରପ୍ରଦେଶ ମଧ୍ୟରୁ ୯୫ ପ୍ରତିଶତ ହେଉଛନ୍ତି ସାଧାରଣତଃ 'ବ୍ଲୁ କଲାର ୱାର୍କର' ଯେଉଁମାନଙ୍କର ମାସିକ ବେତନ ୧୦ରୁ ୧୫ ହଜାର ଟଙ୍କା । ପୁଣି ଏଇ ରମ୍‌ଜାନ ପରେ ପରେ ପାଖାପାଖି ୪୩ ହଜାର ଲୋକ ଅପେକ୍ଷାରେ ଅଛନ୍ତି ସେଠାରୁ ହାଇଦ୍ରାବାଦ୍‌କୁ ଫ୍ଲାଇଟ୍ ଧରିବାକୁ । ଏହା ପ୍ରଭାବିତ ହେବା ସୁନିଶ୍ଚିତ । ପଶ୍ଚିମ ଏସିଆର ଏଇ ଅଞ୍ଚଳରେ ଯେଉଁ ୬୦ଲକ୍ଷ ଲୋକ କାମ କରନ୍ତି ଆମ ଦେଶକୁ ସେମାନେ ଗତବର୍ଷ ପଠାଇଛନ୍ତି ୬୩ ବିଲିୟନ୍ ଡଲାର । କାତାର ହେଉଛି ଆମ ଦେଶର ୧୯ତମ ବୃହତ୍ ଆମଦାନୀ ରପ୍ତାନିର ଦେଶ ଓ ବାଣିଜ୍ୟ କାରବାରର ମାତ୍ରା ୯ ବିଲିୟନ୍ ଡଲାର । ପୁଣି କାତାର ଆମ ଦେଶରେ ଘରୋଇ ବିମାନ ଉଡ଼ାଣ ପାଇଁ ପୁଞ୍ଜି ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଛି । ତେବେ ଗଲ୍ଫ ରାଷ୍ଟ୍ରଗୁଡ଼ିକର ଏତାଦୃଶ ସମ୍ପର୍କ ଛିନ୍ନ କାତାରର ଟେରର୍ ଫଣ୍ଡିଂ ପାଇଁ ଏକ ଚେତାବନୀ କାରଣ ସମଗ୍ର ବିଶ୍ୱ ଚାହେଁ ଆତଙ୍କବାଦ୍ ବିରୋଧରେ ଯୁଦ୍ଧ ଓ ସେମାନଙ୍କୁ ଅସ୍ତ୍ର ଯୋଗାଣ ଏବଂ ଅର୍ଥ ଯୋଗାଣର ସମାପ୍ତି । କୁଏତ୍ ଏ ଭିତରେ ମଧ୍ୟସ୍ଥତା କରି କାତାର ସହିତ ଦ୍ୱନ୍ଦ୍ୱର ସମାଧାନ ପାଇଁ ଆଗେଇ ଆସିଛି । ଆମେରିକା ମଧ୍ୟ ନିଜ ଆଭିମୁଖ୍ୟକୁ ନରମ କରିବା କଥା ଜଣା ପଡ଼ିଛି । ଏହି ଦ୍ୱନ୍ଦ୍ୱ ସହିତ ଆତଙ୍କବାଦର ଅନ୍ତ ହେଉ ଏହାହିଁ ଆଶା । ■

ଭିଆଇଏମ୍- ୭୪୧, ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ: ୯୪୩୭୩୦୭୪୮୬

ମଞ୍ଚ ମଣିଷଙ୍କ ଉପଦେଶ

ମଞ୍ଚ ଉପରେ ବସୁଥିବା ମଣିଷର କିଛି ସ୍ୱତନ୍ତ୍ରତା ଥାଏ । ତା' କଥାଟି ଓଜନଦାର ବୋଲି ସମସ୍ତେ ବିଚାରିଥାନ୍ତି । ମଞ୍ଚ ଉପରେ କୁହାଯାଉଥିବା କଥାକୁ ଅନେକ ଆଗ୍ରହର ସହ ମନଦେଇ ଶୁଣିଥାନ୍ତି । କୁହାଯାଉଥିବା କଥାକୁ କାର୍ଯ୍ୟରେ ଲଗାଇବାପାଇଁ ମଞ୍ଚ ଉପରେ ଥିବା ବ୍ୟକ୍ତିମାନେ ବାରମ୍ବାର କହୁଥାନ୍ତି । ହେଲେ ମଞ୍ଚ ଉପରର ଏହି ଅସାଧାରଣ ମଣିଷମାନେ ମଞ୍ଚତଳେ ବସିଥିବା ସାଧାରଣ ଲୋକଙ୍କୁ ଯେଉଁ ସାରଗର୍ଭକ ଭାଷଣ ଶୁଣାଇଥାନ୍ତି ସେମାନେ ନିଜେ କ'ଣ ତାହାକୁ କାର୍ଯ୍ୟରେ ଲଗାଇଥାନ୍ତି ? ସେମାନଙ୍କ କଥା ଓ କାର୍ଯ୍ୟରେ କଣ ସମାନତା ଥାଏ ?

ଗତ କିଛି ଦିନର ସରକାରୀ ଓ ବେସରକାରୀ ଉତ୍ସବକୁ ଲକ୍ଷ୍ୟକଲେ ଏହି ପ୍ରଶ୍ନ ଏବେ ସାଧାରଣ ଲୋକଙ୍କ ମନକୁ ଆନ୍ଦୋଳିତ କରୁଛି । ନିକଟରେ ପାଳନ ହୋଇଛି ବିଶ୍ୱ ପରିବେଶ ଦିବସ । ସରକାରୀ ସ୍ତରରେ ବହୁ ଆଡମ୍ବରରେ ଆୟୋଜନ ହୋଇଛି ବିଭିନ୍ନ କାର୍ଯ୍ୟକ୍ରମ । ବେସରକାରୀ ସ୍ତରରେ ଆୟୋଜନର ମାତ୍ରା ବି କିଛି କମ୍ ନୁହେଁ । ସବୁଠାରେ ଗୋଟିଏ ସ୍ୱର - ବିଗିଡି ଯାଉଥିବା ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣ କର । ଗଛ କାଟନାହିଁ । ବିଶ୍ୱରେ ବୃଦ୍ଧି ପାଉଥିବା ଉତ୍ତାପକୁ ରୋକିବାକୁ ହେଲେ ଆମକୁ ଗଛ ଲଗାଇବାକୁ ପଡିବ । ଜଙ୍ଗଲ ସମ୍ପଦ ବଢାଇବାକୁ ପଡିବ । ନେତାଙ୍କ ଠାରୁ ଅଫିସର ଓ ବିଶେଷଜ୍ଞଙ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ଏହି କେତୋଟି କଥାକୁ ମଞ୍ଚ ଉପରେ ଦୋହରାଇଥାନ୍ତି । ହେଲେ ମଞ୍ଚ ତଳକୁ ଆସିଲାପରେ ଏମାନେ କ'ଣ କହିଥିବା କଥାକୁ ପାଳନ କରିଥାନ୍ତି ? ଯଦି ଏହି ପ୍ରଶ୍ନ କାହାକୁ ପଚରାଯାଏ ତେବେ ସଂଖ୍ୟାଧିକଙ୍କ ଉତ୍ତର ହେବ ନାଁ । କାରଣ ମଞ୍ଚ ଉପରେ ଥିବା ଅଧିକାଂଶ ବଡବଡିଆ ବ୍ୟକ୍ତିମାନେ ହିଁ ସେମାନଙ୍କ ଘର ଦ୍ୱାର ତିଆରିପାଇଁ ଅଧିକ ପରିମାଣରେ କାଠ ବ୍ୟବହାର କରିଥାନ୍ତି । ଯାହାକି ଜଙ୍ଗଲ ହ୍ରାସର ଅନ୍ୟତମ କାରଣ । ନିଜ ଘର ଅଗଣାରେ ଗଛଟିଏ ଲଗାଇ ପରିବେଶକୁ ସବୁଜିମା କରିବା ବଦଳରେ ଏମାନେ ସେହି ସ୍ଥାନରେ ଅଧିକ ଘରତୋଳି ଭଡା ଆଦାୟ କରିବାକୁ ଉଚିତ୍ ମଣିଥାନ୍ତି । ଆଉ ଉପଦେଶ ଦେଉଥିବା ଏହି ମଞ୍ଚ ମଣିଷ ମାନଙ୍କ ମଧ୍ୟରୁ ଯେଉଁମାନେ ଜଙ୍ଗଲ ବିମ୍ବା ଅନ୍ୟ ସରକାରୀ ବିଭାଗରେ କାର୍ଯ୍ୟକରିଥାନ୍ତି ସେମାନେ ନିଜ ଚାକିରିକାଳ ମଧ୍ୟରେ ଅଧିକାଂଶ ଗଛ କାଗଜପତ୍ରରେ ହିଁ ଲଗାଇଥାନ୍ତି । ଏମାନଙ୍କ ଅପେକ୍ଷା ବରଂ ମଞ୍ଚତଳେ ବସିଥିବା ଅନେକ ସାଧାରଣ ଲୋକେ ହିଁ ନିଜ ବାଡି ଅଗଣାରେ ଗଛ ଲଗାଇ ପରିବେଶ ସୁରକ୍ଷାର ପ୍ରମୁଖ ସାରଥି ସାଜିଥାନ୍ତି ।



ହିମାଂଶୁ ପ୍ରସାଦ ସିଂହ

ଆଉ ଗୋଟିଏ ଉଦାହରଣ ହେଲା ରାଜ୍ୟରେ ପାଳନ ହୋଇଥିବା ବିଶ୍ୱ ତମାଖୁ ନିରୋଧ ଦିବସ । ମଇ ୩୧ ତାରିଖରେ ଆମ ରାଜ୍ୟରେ ଏହା ବେଶ୍ ଧୂମ୍‌ଧାମରେ ପାଳନ କରାଯାଇଥିଲା । ରାଜକୋଷରୁ ଏଥିପାଇଁ ବ୍ୟାପକ ଅର୍ଥ ବ୍ୟୟ ସହିତ ସରକାରୀ ସ୍ତରରେ ସଭା ସମିତିମାନ ଆୟୋଜନ ହୋଇଥିଲା । ଏଠାରେ ବି ମଞ୍ଚ ମଣିଷମାନେ ସେମାନଙ୍କ ଅଭିଜ୍ଞତା, ଅନୁଭୂତି ଆଦି ମଞ୍ଚତଳେ ବସିଥିବା ଲୋକଙ୍କୁ ଶୁଣାଇଥିଲେ । ଗୁଟ୍‌ଖା ତମାଖୁ ଆଦି ସେବନ କଲେ କିଭଳି କ୍ୟାନସରଭଳି ମାରାତ୍ମକ ରୋଗ ହେବ, ଏଥିରେ କେତେ ପ୍ରକାରର ରାସାୟନିକ ସାମଗ୍ରୀ ରହିଛି, ନିଶା ସେବନ ମଣିଷର କି କି କ୍ଷତି କରେ, ଶସ୍ତାରେ ମିଳୁଥିବା ଏହି ସାମଗ୍ରୀ କିଭଳି ଲୋକଙ୍କୁ ଆଜୀବନ ବିକଳାଙ୍ଗ କରେ କିମ୍ବା ଲୋକଙ୍କ ଜୀବନ ନେଇଯାଏ ତାହା କହିଥାନ୍ତି । ଏପରିକି ତମାଖୁ ଗୁଟ୍‌ଖା ପ୍ରଭାବରେ ବିକଳାଙ୍ଗ ହୋଇଥିବା କିଛି ଲୋକଙ୍କୁ ଆଣି ମଞ୍ଚତଳେ ବସିଥିବା ଲୋକଙ୍କ ଆଗରେ ସେମାନଙ୍କ କରୁଣ କାହାଣୀ ବଖାଣିଥାନ୍ତି । ସରକାରୀ ଓ ବେସରକାରୀ ସ୍ତରରେ ଜନସଚେତନତା ନାଁରେ ଏଥିପାଇଁ ଗରିବ ଲୋକଙ୍କ ରାଜକୋଷରୁ ବ୍ୟାପକ ଅର୍ଥ ବ୍ୟୟ ହୋଇଥାଏ । ମଞ୍ଚ ଉପରେ ବଡ ବଡ ସରକାରୀ ଅଧିକାରୀ ଓ ନେତାମାନେ ବିଶ୍ୱ ତମାଖୁ ଦିବସର ତାତ୍ପର୍ଯ୍ୟ ଓ ଏହାକୁ ସଫଳତାର ସହ କାର୍ଯ୍ୟକାରୀ କରିବାପାଇଁ ମାଇକ୍ ସାମ୍ନାରେ ଜୋର ଦେଇ କହିଥାନ୍ତି । ହେଲେ ମଞ୍ଚ ତଳକୁ ଆସିଲାପରେ ଏମାନଙ୍କ ମଧ୍ୟରୁ ଅନେକ ନିଜ ପକେଟ୍‌ରୁ ତମାଖୁ, ଗୁଟ୍‌ଖା ବାହାରକରି ଖାଇଥାନ୍ତି । ସମସ୍ତଙ୍କ ସାମ୍ନାରେ ସିଗାରେଟ ଟାଣିବାକୁ କୁଣ୍ଠାବୋଧ କରିନଥାନ୍ତି । ମଦ ତ ମାମୁଲିକଥା ହେଲାଣି । ଗୁଟ୍‌ଖା ବିରୁଦ୍ଧରେ ବଡ ବଡ ଭାଷଣ ଦେଉଥିବା ଏହି ମଞ୍ଚ ମଣିଷମାନେ ଭୁଲିଯାଇଥାନ୍ତି ଯେ ସାଧାରଣ ଲୋକଙ୍କ ସ୍ୱାର୍ଥପାଇଁ ଓଡିଶା ସରକାର ୨୦୧୩ ମସିହାରୁ ରାଜ୍ୟରେ ତମାଖୁ,ଗୁଟ୍‌ଖା ଆଦିକୁ ନିଷେଧ ଘୋଷଣାକରି ବାର୍ଷିକ ପ୍ରାୟ ୫୦୦ କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି । ହେଲେ ଏହି ବିଷାକ୍ତ ସାମଗ୍ରୀ ଖୋଲାଖୋଲିଭାବେ ରାଜ୍ୟରେ ବିକ୍ରି ହେଉଛି । ଯେଉଁମାନେ ତମାଖୁ ବିରୁଦ୍ଧରେ ଗଳାଫଟାଇ ପରାମର୍ଶ ଦେଇଥାନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଉପରେ ଏହି ଆଇନ୍‌କୁ କାର୍ଯ୍ୟକାରୀ କରିବାର ଗୁରୁଦାୟିତ୍ୱ ରହିଥାଏ । ସ୍ୱଚ୍ଛ ଭାରତ କ୍ଷେତ୍ରରେ ମଧ୍ୟ ଅନୁରୂପ ଅବସ୍ଥା । ଦିନଟିଏ ପାଇଁ ନିଜ ଘରେ ଝାଡୁ ମାରୁନଥିବା କିମ୍ବା ଅଳିଆ ଉଠାଇବାକୁ କୁଣ୍ଠାବୋଧ କରୁଥିବା ଲୋକେ ମଞ୍ଚଉପରେ କିନ୍ତୁ ଅନ୍ୟକୁ ସ୍ୱଚ୍ଛତାର ମନ୍ତ୍ର ଦେବା ସହିତ ମଞ୍ଚତଳେ ହାତରେ ଝାଡୁଧରି ଫଟୋ ଉଠାଇଥାନ୍ତି । ଏହି ମଞ୍ଚମଣିଷମାନଙ୍କ ମଧ୍ୟରୁ ଅନେକ ନିଜ ଭିତରେ ଥିବା ମଇଳାକୁ ପରିଷ୍କାର କରିବା ବଦଳରେ କେବଳ ପ୍ରଚାର ସର୍ବସ୍ୱ ପାଲଟିଥାନ୍ତି ।

ମଞ୍ଚମଣିଷମାନଙ୍କ ପାଇଁ ବର୍ଷ ସାରା ପ୍ରାୟତଃ ଏଭଳି କିଛି ନା କିଛି ସୁଯୋଗ ଆସେ । କେତେବେଳେ ପଲିଥିନ୍ ବିରୁଦ୍ଧରେ ତ ଆଉ କେତେକେବେଳ ମ୍ୟାଲେରିଆ, ଏଡ୍‌ସ ଆଦି ବିରୁଦ୍ଧରେ । ସୁଯୋଗ ପାଇଲାମାତ୍ରେ ଏହି ମଞ୍ଚମଣିଷମାନେ ଅନ୍ୟମାନଙ୍କୁ ଉପଦେଶ ଓ ପରାମର୍ଶରେ ପୋତି ପକାଇଥାନ୍ତି । ମଞ୍ଚତଳର ମଣିଷମାନଙ୍କୁ ଅତି ସାଧାରଣ ଭାବି ସେମାନଙ୍କ ଉପରେ ନିଜର ଜ୍ଞାନ ଗରିମାକୁ ପାହାଡ ପ୍ରମାଣେ ଥୋଇଥାନ୍ତି । ହେଲେ ଯାତ୍ରା ଶେଷରେ ମୁହଁରୁ ରଙ୍ଗଛଡାଇ ଅଭିନେତା ଜଣଙ୍କ ନିଜର ପୂର୍ବ ସ୍ଥିତିରେ ଘରକୁ ଫେରିଲା ଭଳି ଏମାନେ ମଞ୍ଚତଳକୁ ଓହ୍ଲାଇ ଆସିବାପରେ ଏମାନଙ୍କ ଅସଲ ଚେହେରା ଅନେକ ସ୍ଥାନରେ ଧରାପଡିଯାଏ । ଦୁର୍ନୀତି ବିରୁଦ୍ଧରେ ଭାଷଣବାଜି କରୁଥିବା ବହୁ ବ୍ୟକ୍ତି ନିଜ ଚାକିରି କାଳରେ ସରକାରୀ ରାଜକୋଷକୁ ସୁରକ୍ଷା ଦେଇପାରି ନଥାନ୍ତି ଅଥବା କେତେକ କ୍ଷେତ୍ରରେ ନିଜର ସାମାନ୍ୟ ସ୍ୱାର୍ଥପାଇଁ ଏହାକୁ ବ୍ୟବହାର କରିବାକୁ ପଛାଇନଥାନ୍ତି ।

ବର୍ତ୍ତମାନ ଆମ ରାଜ୍ୟରେ ଏହି ମଞ୍ଚମଣିଷମାନଙ୍କ ସଂଖ୍ୟା ବଢି ବଢି ଚାଲିଥିବାବେଳେ ମଞ୍ଚତଳେ ବସୁଥିବା ଲୋକଙ୍କ ସଂଖ୍ୟା କମୁଛି । ମଞ୍ଚ ଉପରେ ରହି ସର୍ବଦା ଉପଦେଶ ଦେଉଥିବା ଲୋକେ କିନ୍ତୁ ଭୁଲିଯାଇଥାନ୍ତି ଯେ ମଞ୍ଚତଳେ ବସିଥିବା ଲୋକେ ସେମାନଙ୍କ ଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି । ତେଣୁ ଏବେ ସମୟ ଆସିଛି ଏହି ମଞ୍ଚମଣିଷମାନେ ଅନ୍ୟକୁ ଦେଉଥିବା ଉପଦେଶକୁ ପ୍ରଥମେ ନିଜେ ପାଳନ କରିବା ଆବଶ୍ୟକ । ନିଜ ବାଡି ଅଗଣାରେ ଗଛଟିଏ ଲଗାଇ ତାହାପରେ ଅନ୍ୟକୁ ପରିବେଶ ପୁରାଣ ଶୁଣାଇଲେ ତାହା ଶୋଭା ପାଇବ । ସେହିଭଳି ନିଜେ ପ୍ରଥମେ ଦୁର୍ନୀତିମୁକ୍ତ ହେବାପରେ ଅନ୍ୟକୁ ଦୁର୍ନୀତି ନକରିବାର ଉପଦେଶଦେଲେ ତାହା ଉଭୟ ମଞ୍ଚମଣିଷ ଓ ସେମାନେ ବସବାସ କରୁଥିବା ସମାଜପାଇଁ ହିତକର ହେବ । ନିଜେ ଗୁଟ୍‌ଖା ଖାଇ ଅନ୍ୟକୁ କଳାଦାନ୍ତ ଦେଖାଇ ଉପଦେଶ ଦେଲେ ଲୋକେ ହସୁଛନ୍ତି । ତେଣୁ ସାଧାରଣ ଲୋକଙ୍କ ଝାଳବୁହା ଅର୍ଥରେ ତିଆରି ହୋଇଥିବା ମଞ୍ଚ ଉପରେ ବସି ଉପଦେଶ ଦେଉଥିବା ଏହି ମଞ୍ଚମଣିଷମାନେ ପ୍ରଥମେ ନିଜ ଭିତରକୁ ଝାଙ୍କି ଦେଖିବା ଆବଶ୍ୟକ । ନହେଲେ ଯେଉଁ ମହତ୍ ଉଦ୍ଦେଶ୍ୟ ନେଇ ସେମାନେ ମଞ୍ଚକୁ ଉଠୁଛନ୍ତି ତାହା ଯେ ସେମାନଙ୍କ ପାଇଁ ଭବିଷ୍ୟତରେ ବୁମେରାଂ ହୋଇଯିବ ସେଥିରେ କୌଣସି ସନ୍ଦେହ ନାହିଁ । ■

ମୋ: ୯୪୩୭୯୧୯୫୯୯

NITIDIN
ନିତିଦିନ
ସୋମବାର, ୧୯ ଜୁନ୍ ୨୦୧୭

ପରବର୍ତ୍ତୀ ରାଷ୍ଟ୍ରପତି

ଆସନ୍ତା ଜୁଲାଇ ୧୭ରେ ରାଷ୍ଟ୍ରପତି ନିର୍ବାଚନ ହେବ । ଏହି ନିର୍ବାଚନରେ ସହମତି ଯୋଗାଡ଼ର ନାଟକ ଆରମ୍ଭ କରି ନରେନ୍ଦ୍ର ମୋଦି ସରକାର ବିରୋଧୀ ଦଳଙ୍କୁ ବଡ଼ ଅସୁବିଧାରେ ପକାଇଛନ୍ତି । ସଂଖ୍ୟା ଦୃଷ୍ଟିରୁ ଏବେ ବିଜେପିର ସ୍ଥିତି ପ୍ରତିଦ୍ୱନ୍ଦ୍ୱୀଙ୍କ ତୁଳନାରେ ସୁଦୃଢ଼ ରହିଛି । ଏଆଇଏଡିଏମକେର ଉଭୟ ପଲାନିସ୍ୱାମୀ ଗୋଷ୍ଠୀ ଓ ପନିରସେଲଭମ୍ ଗୋଷ୍ଠୀ ବିଜେପିର ଅର୍ଥାତ୍ ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ସମର୍ଥନ ଦେବେ ବୋଲି କହିସାରିବା ପରେ ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ଜିତିବା ସୁନିଶ୍ଚିତ ହୋଇଛି । ତେଣୁ ବିଜେପିର ସହମତି ଆଗ୍ରହକୁ ନେଇ ବିରୋଧୀ ଦଳମାନେ ସନ୍ଦେହରେ ପଡ଼ିଛନ୍ତି । ସହମତି ଯୋଗାଡ଼ ପାଇଁ ଶାସକ ଦଳ ରାଜନାଥ ସିଂହ, ଅରୁଣ ଜେଟଲୀ ଓ ଭେଙ୍କିୟା ନାଇଡୁଙ୍କୁ ଦୂତ କରିଛି । ଏହି ତିନି ବରିଷ୍ଠ ମନ୍ତ୍ରୀ ଇତିମଧ୍ୟରେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧି ଓ ଅନ୍ୟ ବିରୋଧୀ ଦଳ ନେତାଙ୍କୁ ଭେଟି ସହମତିର ଆବଶ୍ୟକତା ଉପରେ ଚର୍ଚ୍ଚା କରିଛନ୍ତି କିନ୍ତୁ ବିଜେପିର କିଏ ରାଷ୍ଟ୍ରପତି ପ୍ରାର୍ଥୀ ହେବେ ତାହା ଜଣାଇନାହାନ୍ତି । ଶାସକ ଦଳ ଯଦି ତାହାର ପ୍ରାର୍ଥୀଙ୍କ ନାମ ପ୍ରକାଶ କରିବ ନାହିଁ ତେବେ ସହମତି ଆସିବ କିପରି ବୋଲି ବିରୋଧୀ ଦଳ କହୁଛନ୍ତି । କିଏ ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ହେବେ ତାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ-ଏହି ଦୁଇଜଣ ସ୍ଥିର କରିସାରିଛନ୍ତି, କିନ୍ତୁ ଶେଷ ମୁହୂର୍ତ୍ତ ଯାଏ ସେ ନାମକୁ ଗୋପନ ରଖି ସମସ୍ତଙ୍କ ଉତ୍କଣ୍ଠା ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି । ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ କିଏ ହେବେ ତାହା ବିଜେପିର ତିନି ଦୂତ ରାଜନାଥ, ଅରୁଣ ଓ ଭେଙ୍କିୟା ମଧ୍ୟ ଜାଣିନାହାନ୍ତି । ତେଣୁ ଦୂତ ପଠାଇ ସହମତି ଯୋଗାଡ଼ର ପ୍ରୟାସକୁ ନାଟକ ବୋଲି କୁହାଗଲେ ଭୁଲ ହେବନି । ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି-ଏହି ଦୁଇଟି ପଦବୀ ଦଳିତ ଓ ଆଦିବାସୀଙ୍କୁ ଦେବା ପାଇଁ ହୁଏତ ମୋଦି ଓ ଶାହ ନିଷ୍ପତ୍ତି ନେଇଛନ୍ତି । ନିଜର ତିନି ବରିଷ୍ଠ ମନ୍ତ୍ରୀଙ୍କୁ ଦୂତ ସଜାଇ ଚତୁର ପ୍ରଧାନମନ୍ତ୍ରୀ ମୋଦି ସେମାନଙ୍କୁ ରାଷ୍ଟ୍ରପତି ଦୌଡ଼ରୁ ବାଦ୍ ଦେଇସାରିଛନ୍ତି । ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତଙ୍କ ନାମ ଶୁଣାଯାଉଥିଲା କିନ୍ତୁ ଆର୍‌ଏସ୍‌ଏସ୍ କହିଛି ଯେ ତାଙ୍କ ସଂଗଠନ ନିର୍ବାଚନ ଲଢ଼େନାହିଁ । ଚର୍ଚ୍ଚା ହେଉଥିଲା, ଲାଲ୍‌କୃଷ୍ଣ ଆଡଭାନୀଙ୍କୁ ରାଷ୍ଟ୍ରପତି ପଦରେ ବସାଇ ମୋଦି 'ଗୁରୁ ଦକ୍ଷିଣା' ଦେଇପାରନ୍ତି । ଆଡଭାନୀ ବିଜେପିକୁ ଜାତୀୟ ରାଜନୀତିରେ ପ୍ରତିଷ୍ଠିତ କରାଇଛନ୍ତି । ସେ ସର୍ବସମ୍ମତ ପ୍ରାର୍ଥୀ ହେବା ସମ୍ଭାବନା ଥିଲେ ସୁଦ୍ଧା ବାବ୍ରୀ ଭଙ୍ଗା ମାମଲାରେ ଅଭିଯୁକ୍ତ ଥିବାରୁ ବିଜେପି ତାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରିପାରିବ ନାହିଁ । ସମାନ କାରଣରୁ ମୁରଲୀ ମନୋହର ଯୋଶୀ ମଧ୍ୟ ରାଷ୍ଟ୍ରପତି ପ୍ରାର୍ଥୀ ହେବେ ନାହିଁ । ସୁଷମା ସ୍ୱରାଜ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ସେ ଦୌଡ଼ରେ ବା ଚର୍ଚ୍ଚାରେ ନାହାନ୍ତି । ସଦନ ପରିଚାଳନାରେ ୧୭ବର୍ଷର ଅଭିଜ୍ଞତା ଥିବା ନଜ୍‌ମା ହେପତୁଲ୍ଲାଙ୍କ ନାମ ମଧ୍ୟ ରାଷ୍ଟ୍ରପତି ପଦ ପାଇଁ ଉଠୁଛି । ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ମହିଳାଙ୍କୁ ରାଷ୍ଟ୍ରପତି କରାଗଲେ ପ୍ରଧାନମନ୍ତ୍ରୀ ମୋଦିଙ୍କ ହିନ୍ଦୁ-ସପକ୍ଷ ଭାବମୂର୍ତ୍ତି ନିଶ୍ଚୟ ବଦଳିବ । କିନ୍ତୁ ହେପତୁଲ୍ଲାଙ୍କ ନାମକୁ ସଂଘ ପରିବାର ଅନୁମୋଦନ ଦେଇନପାରେ । ପୁଣି ସୁପରଷ୍ଟାର୍ ରଜନୀକାନ୍ତ କିମ୍ବା ଅମିତାଭ ବଚ୍ଚନଙ୍କୁ ରାଷ୍ଟ୍ରପତି କରାଯିବା ନିମନ୍ତେ କେତେକ ମତ ଦେଉଛନ୍ତି । ଅମିତାଭଙ୍କ ନାମ ପାନାମା ପେପର୍ସରେ ରହିଥିବାରୁ ତାଙ୍କ ପ୍ରାର୍ଥିତ୍ୱ ନେଇ ସନ୍ଦେହ ରହୁଛି । ପଦ୍ମବିଭୂଷଣ ରଜନୀକାନ୍ତ ହେଉଛନ୍ତି ଜଣେ ଅଣ-ରାଜନୀତିକ ବ୍ୟକ୍ତି । ଅତି ସାଧାରଣ ପରିବାରରୁ ସେ ଆସିଛନ୍ତି । ତାଙ୍କୁ ନେଇ କୌଣସି ବିବାଦ ନାହିଁ । ତାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରାଗଲେ ଦାକ୍ଷିଣାତ୍ୟରେ ବିଜେପି ରାଜନୀତିକ ଫାଇଦା ପାଇବ । ରଜନୀଙ୍କୁ ବିରୋଧ କରିବାକୁ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ସମେତ ଏଆଇଏଡିଏମ୍‌କେ, ଡିଏମ୍‌କେ, ଜେଡିଏସ୍, ଟିଆର୍‌ଏସ୍ ଆଦି ଦଳ ନ ଚାହିଁବାର ସମ୍ଭାବନା ରହୁଛି । ସେ ସର୍ବସମ୍ମତ ପ୍ରାର୍ଥୀ ହୋଇପାରିବା ସମ୍ଭବ ମଧ୍ୟ ଲାଗୁଛି । ତେବେ ପ୍ରଧାନମନ୍ତ୍ରୀଙ୍କ ମତିଗତି ଯାହା ସେଥିରୁ ଅନୁମାନ କରାଯାଇପାରେ ଯେ ସେ ଜଣେ ରବର୍ ଷ୍ଟାମ୍ପ୍ ରାଷ୍ଟ୍ରପତି ହିଁ ଚାହିଁବେ । କଂଗ୍ରେସ ଦଳ ପ୍ରତିଭା ପାଟିଲଙ୍କୁ ରାଷ୍ଟ୍ରପତି କରି ରବର୍ ଷ୍ଟାମ୍ପ୍ ରାଷ୍ଟ୍ରପତି ପରମ୍ପରା ସୃଷ୍ଟି କରିଛି । ପୁଣି ପ୍ରତିଭାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କଲାବେଳେ କଂଗ୍ରେସ ଦଳ ତତ୍କାଳୀନ ବିରୋଧୀ ଦଳଙ୍କ ସହମତି ଲୋଡ଼ିବା ତ ଦୂରର କଥା, ସେମାନଙ୍କ ସହ ଆଲୋଚନା ମଧ୍ୟ କରିନଥିଲା । କଂଗ୍ରେସ ଦଳର ମଧ୍ୟ କୌଣସି ନେତାଙ୍କ ମତାମତ ନ ନେଇ ରାଷ୍ଟ୍ରପତି ପଦ ପାଇଁ ସୋନିଆ ଗାନ୍ଧି ନିଜେ ପ୍ରତିଭା ପାଟିଲଙ୍କୁ ବାଛିଥିଲେ । କୁହାଯାଉଛି, ମୋଦି ଯଦି ପଛୁଆ ଶ୍ରେଣୀରୁ, ଅନୁସୂଚିତ ଜାତି ଓ ଜନଜାତିରୁ କାହାରିକୁ ବିଶେଷ କରି ଜଣେ ମହିଳାଙ୍କୁ ରାଷ୍ଟ୍ରପତି କରିବାକୁ ଇଚ୍ଛା କରିବେ ତେବେ ଦ୍ରୌପଦୀ ମୁର୍ମୁଙ୍କ ନାମ ଉଠିବ । ଦ୍ରୌପଦୀ ଆଦିବାସୀ ସମ୍ପ୍ରଦାୟର ନେତ୍ରୀ । ସେ ତୃଣମୂଳ ସ୍ତରରୁ ଉଠି ରାଜନୀତିକ ପ୍ରତିଷ୍ଠା ହାସଲ କରିଛନ୍ତି । ୨୦୧୫ରେ ସେ ଝାଡ଼ଖଣ୍ଡର ରାଜ୍ୟପାଳ ହୋଇଛନ୍ତି । ତାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରାଗଲେ ବିଜେଡିର ସମର୍ଥନ ମିଳିବ । ମୁର୍ମୁ ରାଷ୍ଟ୍ରପତି ହେଲେ ଦେଶ ପାଇବ ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି । ସେ ମଧ୍ୟ ହେବେ ପ୍ରଥମ ଓଡ଼ିଆ ରାଷ୍ଟ୍ରପତି । ଜୁନ୍ ୨୪ରେ ପ୍ରଧାନମନ୍ତ୍ରୀ ମୋଦି ବିଦେଶ ଗସ୍ତରେ ବାହାରିବା ପୂର୍ବରୁ ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ କିଏ ହେବେ ତାହା ଜଣାପଡ଼ିବା ଆଶା କରାଯାଏ । ଦେଶର ରାଜନୀତିକ ଇତିହାସରେ ପ୍ରଥମ ଥର ପାଇଁ ବିଜେପି ନିଜ ପସନ୍ଦର ରାଷ୍ଟ୍ରପତି ପାଇବାକୁ ଯାଉଛି । ■

ଦାର୍ଜିଲିଂ ଅଶାନ୍ତି

ଗୋର୍ଖାମାନେ ସ୍ୱତନ୍ତ୍ର ଗୋର୍ଖାଲ୍ୟାଣ୍ଡ ଦାବି କରି ଆନ୍ଦୋଳନ ଓ ସଂଘର୍ଷ ଚଳାଇଛନ୍ତି । ଗୋର୍ଖାମାନେ ନିଜ ପରିଚିତି ପାଇଁ ଲଢୁଥିବା ବେଳେ ମମତା ବାନାର୍ଜୀଙ୍କ ସରକାର ଏହି ଲଢ଼େଇକୁ ବିକାଶର ପ୍ରଶ୍ନ ଭାବେ ବିଚାର କରୁଛି । ପଶ୍ଚିମବଙ୍ଗର ପୂର୍ବ ସରକାରମାନେ ଦାର୍ଜିଲିଂ ଓ ଜଲପାଇଗୁଡ଼ି ପାର୍ବତ୍ୟାଞ୍ଚଳର ବିକାଶକୁ ଅବହେଳା କରିଥିବାରୁ ଆଜି ପରିସ୍ଥିତି ଏପରି ବିସ୍ଫୋରକ ହୋଇଛି ବୋଲି ମମତା ବାନାର୍ଜୀ ଓ ଅନ୍ୟ ତୃଣମୂଳ କଂଗ୍ରେସ ନେତାମାନେ କହୁଛନ୍ତି । ୨୦୧୧ ମେ'ରେ ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପରେ ଦାର୍ଜିଲିଂ ପାର୍ବତ୍ୟାଞ୍ଚଳର ଲୋକଙ୍କ ସମସ୍ୟା ବୁଝିବାକୁ ଗୋର୍ଖାଲ୍ୟାଣ୍ଡ ଟେରିଟୋରିଆଲ୍ ଆଡମିନିଷ୍ଟ୍ରେସନ୍ ବା ଜିଟିଏ ନାମକ ଅର୍ଦ୍ଧ-ସ୍ୱୟଂଶାସିତ ସଂସ୍ଥା ଗଢ଼ିଥିଲେ । କିନ୍ତୁ ଜିଟିଏକୁ କ୍ଷମତା ହସ୍ତାନ୍ତର ନକରି ମମତା ସରକାର ପାର୍ବତ୍ୟାଞ୍ଚଳର ବିଭିନ୍ନ ସମ୍ପ୍ରଦାୟ ପାଇଁ ୧୫ଟି ବିକାଶ ପରିଷଦ ଗଢ଼ିଛନ୍ତି । ପରିଷଦଗୁଡ଼ିକ ଜରିଆରେ ଶାସକ ଦଳ ଦାର୍ଜିଲିଂ ପାର୍ବତ୍ୟାଞ୍ଚଳରେ ରାଜନୀତିକ କ୍ଷମତା ହାସଲ ପାଇଁ ଉଦ୍ୟମ କରୁଛି । ଗୋର୍ଖାମାନେ ତୃଣମୂଳ କଂଗ୍ରେସର ଏହି ଅଭିସନ୍ଧିକୁ ବିରୋଧ କରୁଛନ୍ତି । ସମ୍ବିଧାନର ଷଷ୍ଠ ପରିଚ୍ଛେଦ ଆଧାରରେ ଗୋର୍ଖାଙ୍କୁ ସ୍ୱୟଂଶାସନାଧିକାର ନମିଳିବା ଯାଏ ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ହେବ ନାହିଁ । ■

ସମ୍ପାଦକଙ୍କୁ ପତ୍ର

ଅଧର୍ମ ବିତ୍ତରୁ ଏ ଅଧମ ସୂତ !

ଅଧର୍ମ ବିତ୍ତ ବଢ଼େ ବହୁତ, ତା'ପରେ ଛିଡ଼େ ମୂଳ ସହିତ । ଏଇ ନିକଟରେ ଏକ ଟିଭି ଚ୍ୟାନେଲରେ ଆମ ରାଜ୍ୟର ଚିଟ୍‌ଫଣ୍ଡ ଅପରାଧୀଙ୍କ ଦାମୀ ଗାଡ଼ି କମିଶନ୍‌ରେଟ ପୋଲିସ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଖତ ଖାଉଥିବା ଦୃଶ୍ୟ ପ୍ରସାରିତ ହୋଇଥିଲା । ଏପରି ଆସାମୀ କେତେଜଣ ଦୋଷ ସ୍ୱୀକାର କରି ଏବେ ଜେଲ୍‌ରେ, ତା ସହିତ ଜୋରିମାନା ଅର୍ଥ ଦଣ୍ଡ । ନିରୀହ ଜମାକାରୀଙ୍କ ଆଖିରୁ ଲୁହ ନୁହେଁ ଏମାନେ ଲହୁ ଝରାଇଥିଲେ । ସେମାନଙ୍କୁ ଜେଲ୍‌ଦଣ୍ଡ ପ୍ରଯୁଜ୍ୟ । ଆମ ରାଜ୍ୟରେ ଚିଟ୍‌ଫଣ୍ଡ କେଲେଙ୍କାରୀ ସମେତ ରିଅଲ୍ ଇଷ୍ଟେଟ୍ ମାଲିକ, ଦଲାଲଙ୍କ ଦୌରାତ୍ମ୍ୟ ସାଙ୍ଗକୁ ଜାଲ୍ ଶିକ୍ଷାନୁଷ୍ଠାନର ପ୍ରାଦୁର୍ଭାବ ରାଜ୍ୟର ସମ୍ମାନକୁ ମାଟିରେ ମିଶାଇ ଦେଇଛି । ନିରୀହଙ୍କୁ ଠକିବା ଆଦି ପ୍ରବୃତ୍ତିରେ ପରିଣତ ହୋଇଯାଇଛି । ଏପରି ଅନ୍ୟାୟ, ଅଧର୍ମ କାର୍ଯ୍ୟ କରିବାକୁ ଏ ଅଧମ ସୂତ ଯେ ଆଗୁସାର ହେଉଛନ୍ତି କିପରି ? ସେମାନେ ଭୁଲ୍ କରି କେମିତି ଅଜଣା ରହିଲେ ଯେ, ଦିନେ ନା ଦିନେ ଆଇନ ସେମାନଙ୍କୁ ବାନ୍ଧି କାଠଗଡ଼ାରେ ଛିଡ଼ା କରିଦେବ ବୋଲି । ଆମ ଦେଶରେ ଅନେକ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁଲ୍ କାର୍ଯ୍ୟକରି ଜେଲ୍ ଭୋଗିଛନ୍ତି । ଜଣେ ସିବିଆଇ ନିର୍ଦ୍ଦେଶକ ନିଜ ଦାୟିତ୍ୱର ଦୁରୁପଯୋଗ କରି କଳଙ୍କିତ ହୋଇଛନ୍ତି । ବ୍ଲକ୍‌ରେ ଶିକ୍ଷକଙ୍କ ଜିପିଏଫ୍ ଅର୍ଥ ଲୁଟ୍ ହୋଇଛି । ପୋଷ୍ଟମାଷ୍ଟର ଜମାକାରୀଙ୍କ ଅର୍ଥ ଆତ୍ମସାତ୍ କରିଛନ୍ତି । ଘରୋଇ ବ୍ୟାଙ୍କର ଜମାକାରୀଙ୍କ ଅର୍ଥ ମଧ୍ୟ ଲୁଟ୍ ହୋଇଛି । ସତକଥା ଏ ଅନ୍‌ଲାଇନ୍, ଇଣ୍ଟରନେଟ୍, କମ୍ପ୍ୟୁଟର ବ୍ୟବସ୍ଥା ବୁଦ୍ଧିମାନ୍ ଜୋର କରି ତିଆରି କରିବାକୁ ସହାୟତା ଦେଉଛି । ନିର୍ବାଚନରେ ପେପର ବାଲଟ୍ ଅପେକ୍ଷା ଇଭିଏମ୍ ଜାଲିଆତି ସହଜ ହେଉଛି । ଏବେ ସୋସିଆଲ୍ ମିଡିଆ, ଫେସ୍‌ବୁକ୍ ଜରିଆରେ ଅପରାଧ ହାର, ଅସାମାଜିକ କାରବାର ବୃଦ୍ଧି ପାଉଛି । ମନ ଜାଣେ ପାପ, ମାଆ ଜାଣେ ବାପ । ଆମେ ନିଜେ ଯଦି ସଚେତନ ହୋଇ ସତ୍, ନ୍ୟାୟ ମାର୍ଗ ଅନୁସରଣ କରିବା, ଉଚିତ୍, ଅନୁଚିତ ବିଚାର କରିବା, ଆମକୁ କୌଣସି ଶକ୍ତି ପ୍ରଭାବିତ କରିବା ସମ୍ଭବ ନୁହେଁ । ଏହି ପରିପ୍ରେକ୍ଷୀରେ ଉତ୍କଳଗୌରବ, କୁଳବୃଦ୍ଧ ମଧୁସୁଦନ ଦାସଙ୍କ ଆଲୋ ସଖି, ଆପଣା ମହତ ଆପେ ରଖି ବାଣୀର ସଦୁପଯୋଗ ଜରୁରି ବୋଲି ବିଚାର କରାଯାଉ । ତାଙ୍କରି ଦାୟାଦ ହୋଇ ଆମେ ଦୟା, ଦରଦ, ଅନୁକମ୍ପାକୁ ଜଳାଞ୍ଜଳି ଦେଇ ଦୋ ନମ୍ବରୀ ଧନ୍ଦାରେ ସାମିଲ ହେବା କେତେଦୂର ଠିକ୍ ? ଏ ଦିଗରେ ନ୍ୟାୟ, ବିବେକ, ବିଚାର ରଖନ୍ତୁ ସମସ୍ତେ, ଏତିକି କାମନା ।

ମନୋରଞ୍ଜନ ସ୍ୱାଇଁ
ତମାଣ୍ଡୋ, ଭୁବନେଶ୍ୱର

ବିସ୍ଥାପିତ ପରିବାରଙ୍କୁ ନିଯୁକ୍ତି ମିଳୁ

ବଲାଙ୍ଗିର ଜିଲ୍ଲା ସଇଁତଳା ସ୍ଥିତ ବଡ଼ମାଳ ଗୋଳାବାରୁଦ କାରଖାନା କର୍ତ୍ତୃପକ୍ଷଙ୍କ ତରଫରୁ ବିସ୍ଥାପିତ ଓ ପ୍ରଭାବିତ ପରିବାରଙ୍କୁ ଅଣଦେଖା କରାଯାଉଥିବା ପ୍ରତିବାଦ କରାଯାଇଛି । ବିସ୍ଥାପିତ ଅଞ୍ଚଳର ବେକାର ଯୁବକ ଯୁବତୀମାନେ ଏକତ୍ର ହୋଇ ନୂତନ ଭାବେ ନିଯୁକ୍ତି ଭାବେ ବିଜ୍ଞାପନ ବାହାରି ଥିବା ପଦବୀ ଗୁଡିକରେ ଅଞ୍ଚଳର ହକ୍‌ଦାର ଥିବା ଯୁବକମାନଙ୍କୁ ନିଯୁକ୍ତି ପାଇଁ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହାର ୧୫ଦିନ ମଧ୍ୟରେ କାରଖାନା କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ ନକଲେ ଜନସମାବେଶ କରାଯାଇ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ଏହାର ଅବିକଳ ନକଲ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ, ଗୋଳାବାରୁଦ କାରଖାନାର ଚେୟାରମ୍ୟାନ, ଓଡ଼ିଶା ମୁଖ୍ୟମନ୍ତ୍ରୀ ଓ ବଲାଙ୍ଗିର ସାଂସଦଙ୍କୁ ଲିଖିତ ଭାବେ ଦେଇଛନ୍ତି । ସୂଚନାଯୋଗ୍ୟ, ବଡ଼ମାଳ ଗୋଳାବାରୁଦ କାରଖାନା କର୍ତ୍ତୃପକ୍ଷ ଗ୍ରୁପ ସି ଇଣ୍ଡଷ୍ଟ୍ରିଆଲ୍ ଏମ୍ପ୍ଲୟୀ ସେମି ସ୍କିଲ୍ ଆଣ୍ଡ୍ ଲେବର୍ ଗ୍ରୁପ ପାଇଁ ନୂଆ ବିଜ୍ଞାପନ ବାହାର କରିଛନ୍ତି । ଏଥିରେ ସର୍ବଭାରତୀୟ ସ୍ତରରୁ ଆବେଦନ ଗ୍ରହଣ ସକାଶେ ଉଲ୍ଲେଖ ରହିଛି । ଏହାପରେ ଗ୍ରୁପ ସି ର ଏହି ପଦ ପାଇଁ ଆଇଟିଆଇକୁ ପ୍ରାଧାନ୍ୟ ଦିଆଯାଇଥିବାରୁ ବିସ୍ଥାପିତ ଓ ପ୍ରଭାବିତ ପରିବାର ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧି ଏହି ଅଞ୍ଚଳକୁ ଅନୁନ୍ନତ ଅଞ୍ଚଳ ଭାବେ ଚିହ୍ନଟ କରି ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଗୋଳାବାରୁଦ କାରଖାନା ନିର୍ମାଣ କରିବା ପାଇଁ ଶିଳାନ୍ୟାସ ସ୍ଥାପନ କରିଥିଲେ । ବିସ୍ଥାପିତ ପ୍ରଭାବିତ ଅଞ୍ଚଳରେ ଶିକ୍ଷାର ବିକାଶ, ଗମନାଗମନର ସୁବିଧା, ଦାରିଦ୍ର୍ୟ ଦୂରୀକରଣ, ବିଜୁଳି ସାଙ୍ଗକୁ ପାନୀୟଜଳର ବ୍ୟବସ୍ଥା କରିବା ଓ ପ୍ରତ୍ୟେକ ବିସ୍ଥାପିତ ପରିବାର ପିଛା ଚାକିରି ଦେବା ସହିତ ପ୍ରଭାବିତ ଅଞ୍ଚଳର ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଶ୍ରୀମତୀ ଗାନ୍ଧି ଆହ୍ୱାନ ଦେଇଥିଲେ । କିନ୍ତୁ ଦୁଃଖର କଥା ଆଜି ପର୍ଯ୍ୟନ୍ତ ଅନେକ ବିସ୍ଥାପିତ ପରିବାରଙ୍କୁ କାରଖାନା କର୍ତ୍ତୃପକ୍ଷ ଅଣଦେଖା କରିଛନ୍ତି । ଏହି ସବୁ ସୁବିଧା ସୁଯୋଗ ଆଶାରେ ଅଞ୍ଚଳର ନିରୀହ ଜନସାଧାରଣ ନିଜର ମୂଲ୍ୟବାନ ସମ୍ପତ୍ତିକୁ ସରକାରଙ୍କ ହାତରେ ଟେକି ଦେଇଛନ୍ତି । ସରକାର ଗୋଳାବାରୁଦ କାରଖାନାରେ ବାହାରୁଥିବା ନିଯୁକ୍ତିଗୁଡ଼ିକୁ ବାକିଥିବା ବିସ୍ଥାପିତ 'ଏ'କାର୍ଡଧାରୀ ଓ 'ବି' କାର୍ଡଧାରୀ ତଥା ଏହି ଅଞ୍ଚଳର ବେକାର ଯୁବକ ଯୁବତୀମାନଙ୍କୁ ଯୋଗ୍ୟତା ଭିତ୍ତିରେ ଯଦି ପ୍ରଦାନ ନକରନ୍ତି, ତା'ହେଲେ ଅସନ୍ତୋଷ ବିସ୍ଥାପିତ ଜନସାଧାରଣ ଗୋଳାବାରୁଦ କାରଖାନାକୁ ବନ୍ଦ କରିବାକୁ ପଛେଇବେ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏହି ସବୁ ସମସ୍ୟାକୁ ଶୀଘ୍ର ସମାଧାନ କରିବା ପାଇଁ ବିସ୍ଥାପିତ ଓ ପ୍ରଭାବିତ ପରିବାର ଓ ଜନସାଧାରଣ ତରଫରୁ ଦାବି ହେଉଛି ।

ବିଶ୍ୱରଞ୍ଜନ ପଣ୍ଡା, ସଇଁତଳା, ବଲାଙ୍ଗିର

ପରମ୍ପରା ନଷ୍ଟ ହେଉଛି

ଆମ ଓଡ଼ିଶାର ବିବାହ ଉତ୍ସବରେ ବର-କନ୍ୟାଙ୍କୁ ଚାଉଳ ପକାଇ ଆଶୀର୍ବାଦ କରୁଥିଲେ । ତାହା ଆଜିକାଲି ଦେଖିବାକୁ ମିଳୁନାହିଁ । ପଞ୍ଜିକୃତ ବିବାହ କଥା ନିଆରା । ସେହିପରି ବରଯାତ୍ରୀ ଦଳରେ ମହିଳାମାନେ ଯିବାକୁ ଲଜ୍ଜାବୋଧ ଓ ସଙ୍କୋଚ କରୁଥିଲେ । କିନ୍ତୁ ବର୍ତ୍ତମାନ ମହିଳାମାନେ ବରଯାତ୍ରୀ କେବଳ ଯାଉ ନାହାନ୍ତି, ସେମାନେ ବ୍ୟାଣ୍ଡପାର୍ଟିରେ ମଧ୍ୟ ନାଚୁଛନ୍ତି । ଏଭଳି ଅପସଂସ୍କୃତି ଏହି ଆଧୁନିକ ସମାଜରେ ଚାଲିଛି । ବିବାହ ବେଦୀ ନିକଟରେ ଚେୟାରରେ ପୁରୁଷମାନଙ୍କ ପାଇଁ ବସିବାର ବ୍ୟବସ୍ଥା ବଦଳରେ ମହିଳାମାନେ ବସୁଛନ୍ତି । ବିବାହ ସମୟ ବା ଦିନରେ ତିଥିବାର ଯଦି ଏକାଦଶୀ, ଅମାବାସ୍ୟା, ପୂର୍ଣ୍ଣମୀ ପଡ଼ିଯାଏ, ତେବେ ଆମିଷ/ନିରାମିଷର କୌଣସି ଫରକ ରହୁନାହିଁ । ଏସବୁ ଆମ ପରମ୍ପରା ନଷ୍ଟ ହେବାର ଲକ୍ଷଣ ।

ଦିଲ୍ଲୀପ କୁମାର ମହାପାତ୍ର
ବଡ଼ମୁଣ୍ଡିଲୋ, ଜଗତ୍‌ସିଂହପୁର